# ନାମହଟ୍ଟ କଥା

ଯଦିଓ ନାମହଟ୍ଟର କଥା ନୂଆ ନୁହେଁ, ତଥାପି ନାମହଟ୍ଟ ସମ୍ବନ୍ଧରେ ଯଥାସମ୍ଭବ ସଂକ୍ଷେପରେ ଏଠାରେ ଆଲୋଚନା ହେଉଅଛି । 'ନାମ'କହିଲେ ହରେକୃଷ୍ଣ ମହାମନ୍ତ୍ର- *"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ"* ହିଁ ବୁଝାଏ ଏବଂ 'ହଟ୍ଟ' ଶବ୍ଦର ଅର୍ଥ ହେଉଛି ହାଟ । ତେବେ ବ୍ୟବହାରିକ ଭାଷାରେ ଆମ୍ଭେମାନେ "ହାଟ"କହିଲେ ଯାହା ବୁଝୁ ତାହା ଏହି କ୍ଷେତ୍ରରେ ସମାନ ନୁହେଁ, ହାଟର ସଦୃଶ୍ୟ "ହଟ୍ଟ" ଶବ୍ଦଟି ବ୍ୟବହାର ହୋଇଛି । ନାମ ନିତ୍ୟ ଶବ୍ଦ, ଅତଏବ 'ହାଟ'ମଧ୍ୟ ନିତ୍ୟ । ନାମ ବୈକୁଣ୍ଠ ବସ୍ତୁ, ସୁତରାଂ ନାମର ପ୍ରକୃତ ହାଟ ବୈକୁଣ୍ଠରେ.... । ଅତଏବ ଏଇ "ନାମହଟ୍ଟ"ବିଷୟବସ୍ତୁ ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁ ଓ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ବିଶେଷ ଭାବରେ ପରିଲକ୍ଷିତ ହେଉଥିଲେ ମଧ୍ୟ ମୂଳତଃ ତାହା ଗୋଟିଏ ନିତ୍ୟକଥା । ଏଇଟି ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁ ଆମ୍ଭମାନଙ୍କ ପ୍ରତି ଅହୈତୁକୀ କୃପା ପରବଶ ହୋଇ ପ୍ରାପଞ୍ଚିକ ଜଗତରେ ପ୍ରକାଶ କରିଯାଇଛନ୍ତି । ସୁତରାଂ ସମସ୍ତଙ୍କର ଏହି ନାମହଟ୍ଟ ସଂପର୍କରେ କିଛି ନା କିଛି ଜ୍ଞାନ ଲାଭ କରିବା ଉଚିତ୍ ।

ନାମହଟ୍ଟର ପ୍ରକୃତ ଇତିହାସ ଜାଣିବା ହେଉଛି ଜୀବର ନିତ୍ୟ ଧର୍ମ । ଭଗବତ୍ ଧର୍ମ ବା ବୈଷ୍ଣବ ଧର୍ମ ବ୍ୟବହାରିକ ଭାଷାରେ ଯାହା ବୁଝାଏ ତାହା ସଙ୍ଗେ କିଛି ପରିଚୟ ରହିବା ଉଚିତ । ସୁତରାଂ ପ୍ରସଙ୍ଗ କ୍ରମେ କହିବାର ଶୁଣାଯାଏ, "ବୈଷ୍ଣବ ଧର୍ମଟି ନିତ୍ୟାନ୍ତ ନୂତନ ବା ଆଧୁନିକ" । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଆବିର୍ଭାବ ପୂର୍ବରୁ ଏହାର କୌଣସି ଅସ୍ତିତ୍ୱ ନ ଥିଲା । ପୁଣି କେହି କେହି ଭ୍ରାନ୍ତ ଧାରଣାରେ, ଦୁଃଖର ତାଡ଼ନାରେ, ଈର୍ଷା ବଶରେ ଇନ୍ଦ୍ରିୟ ଜ୍ଞାନର ଅପୂର୍ଣ୍ଣତା ହେତୁ ନିତ୍ୟ, ପୂର୍ଣ୍ଣ, ଶୁଦ୍ଧ ଓ ନିରପେକ୍ଷ'-ସତ୍ୟ ଗ୍ରହଣରେ ଅସମର୍ଥ ହୋଇ କୁହନ୍ତି, "ଏସବୁ କୌଣସି ଘଟଣା ନୁହେଁ" । ଏହା ହେଉଛି ମୁସଲମାନ୍ ରାଜତ୍ୱ ସମୟର କଥା ଯେତେବେଳେ ଆମ୍ଭ ଦେଶର ଲୋକ (ବିଶେଷ କରି ହିନ୍ଦୁ ସଂପ୍ରଦାୟର ଲୋକ) ସମସ୍ତେ ଏକତ୍ର ଭାବେ ଧର୍ମଚ୍ୟୁତ ହୋଇ ମୁସଲମାନ୍ ହୋଇ ଯାଉଥିଲେ, ସେଇ ସମୟରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ଆର୍ବିଭୂତ ହୋଇ ସନାତନ ଧର୍ମକୁ ରକ୍ଷା କରିବା ପାଇଁ ବୈଷ୍ଣବ ମତର ସୂଚନା ଦିଅନ୍ତି ଏବଂ ପ୍ରଚାର କରନ୍ତି । ଏଇ ଧରଣର କଥା ଯେଉଁମାନେ କୁହନ୍ତି, ସେମାନେ ଯେ ସପ୍ତମ ଗୋସ୍ୱାମୀ ଶ୍ରୀଲ ସଚ୍ଚିଦାନନ୍ଦ ଭକ୍ତି ବିନୋଦ ଠାକୁରଙ୍କର "ଜୈବ ଧର୍ମ" ଗ୍ରନ୍ଥର ଚତୁର୍ଭୁଜ ନ୍ୟାୟରତ୍ନ ମହାଶୟଙ୍କ ଭଳି ଜଣେ ଜଣେ "ଲୋକରତ୍ନ", ସେଥିରେ ଆଉ କୌଣସି ସନ୍ଦେହ ନାହିଁ । ସେଇ ଚତୁର୍ଭୁଜ ନ୍ୟାୟରତ୍ନ ମହାଶୟ ଏହି ସବୁ ନ୍ୟାୟ ପଢ଼ି ସାରି ଶେଷ ପର୍ଯ୍ୟନ୍ତ ବୈଷ୍ଣବ ଧର୍ମକୁ ନୂତନ ଓ ଆଧୁନିକ କହି ଯେଉଳି ଅନ୍ୟାୟ କରିଥିଲେ, ବର୍ତ୍ତମାନ ଅବୈଦିକ ଦର୍ଶନ ଦ୍ୱାରା ପ୍ରଭାବିତ ତଥାକଥିତ ଶିକ୍ଷିତ ସଂପ୍ରଦାୟର କଥା ମଧ୍ୟ ଠିକ୍ ସେଇପରି । ଅତଏବ ବୈଷ୍ଣବ ଧର୍ମ ସମ୍ବନ୍ଧରେ ଚତୁର୍ଭୁଜ ନ୍ୟାୟରତ୍ନ ମହାଶୟଙ୍କର ପ୍ରଶ୍ନର ଉତ୍ତରରେ ଶ୍ରୀ ଅଦ୍ୱୈତ ଦାସ ବାବାଜୀ ମହାରାଜଙ୍କର କୃପାଦେଶ କ୍ରମେ ଶ୍ରୀ ବୈଷ୍ଣବ ଦାସ ବାବାଜୀ ମହାଶୟ ଯାହା କହିଯାଇଥିଲେ, ତାହାର ସାରମର୍ମ ବୋଧଗମ୍ୟ ହେଲେ ଆମ୍ଭମାନଙ୍କର ଭ୍ରମ ଦୂର କରିବାରେ ଅନୁକୂଳ ହେବ । ତାହା ହେଉଛି "ଯେଉଁ ସମୟରୁ ଜୀବ ଅଛି, ସେଇ ସମୟରୁ ଏଇ ବୈଷ୍ଣବମତ ପ୍ରଚଳିତ ହୋଇ ଆସୁଛି" । ଜଡ଼ ଜଗତରେ ଜୀବର ଆଦି ମିଳେ ନାହିଁ, ଅତଏବ ଜୀବ ଅନାଦି ଓ ଜୈବଧର୍ମ ରୂପ ବୈଷ୍ଣବ

ଧର୍ମ ଅନାଦି । ତାହାର ଶାସ୍ତ୍ର ପ୍ରମାଣ ହେଉଛି ଆଦିଜୀବ ବ୍ରହ୍ମା । ସେ ହେଉଛନ୍ତି ବୈଷ୍ଣବ, ତାଙ୍କର ପୁତ୍ର ଚତୁଃକୁମାର ବୈଷ୍ଣବ, ତାହାପରେ ଶିବ ବୈଷ୍ଣବ, ପ୍ରହ୍ଲାଦ ବୈଷ୍ଣବ, ଧ୍ରୁବ ବୈଷ୍ଣବ ।" ସୁତରାଂ ଦେଖା ଯାଉଅଛି ଯେ, ଯେଉଁମାନେ ଯଥାର୍ଥ ଭାବେ ବୈଦିକ ଇତିହାସ ଜାଣନ୍ତି ସେଇମାନେ ନିର୍ବିଘ୍ନରେ ବୁଝିପାରିବେ ଯେ "ବୈଷ୍ଣବ ଧର୍ମ"-କଥାଟି ଆଦୌ ନୂତନ ବା ଆଧୁନିକ ବ୍ୟାପାର ନୁହେଁ ।

ଏହାଛଡ଼ା ମଧ୍ୟ ଦେଖାଯାଏ ଯେ, ବିଭିନ୍ନ ସ୍ଥାନ ଖୋଳିବା ସମୟରେ ପ୍ରାପ୍ତ ମୂର୍ତ୍ତୀଗୁଡ଼ିକ ଅଧିକାଂଶ ବିଷ୍ଣୁ ମୂର୍ତ୍ତୀ । ସେଇଥିରୁ ମଧ୍ୟ ବୁଝାଯାଇପାରେ ଯେ ପୁରାତନ କାଳରେ 'ବିଷ୍ଣୁ ଉପାସନାର ଅସ୍ତିତ୍ୱ ସମାଜରେ ଥିଲା' । ଅର୍ଥାତ୍ ସେ ସମୟରେ ମଧ୍ୟ ବୈଷ୍ଣବ ଥିଲେ । ଏହା ହେଉଛି ପ୍ରକୃତ ସତ୍ୟକଥା ।

ଏହି ବୈଷ୍ଣବଧର୍ମ -ଏହାର ଭଗବତ୍ ଉପାସନାରେ ମୂଳ କଥାଟି ହେଉଛି *"କୀର୍ତ୍ତନୀୟ ସଦା ହରିଃ"*।

ଏହି ହରିକୀର୍ତ୍ତନର କଥାଟି ଶ୍ରୀଚୈତନ୍ୟ ମହାପ୍ରଭୁ ଯଥାଯଥ ଭାବରେ ଆଚାର ଓ ପ୍ରଚାର କ୍ରମେ ଦେଖାଇ ଯାଇଛନ୍ତି, ଯଦ୍ଦ୍ୱାରା ଜୀବ ଅତ୍ୟଧିକ ମଙ୍ଗଳ ଲାଭ କରି ପାରିବ । ଅତଏବ ଶ୍ରୀ ଚୈତନ୍ୟ ମହାପ୍ରଭୁ ଜୀବର ଅତ୍ୟଧିକ ମଙ୍ଗଳ ପାଇଁ ବ୍ୟବସ୍ଥାପତ୍ର କରି ଯାଇଛନ୍ତି । ସେଇ ବ୍ୟବସ୍ଥା ପତ୍ର ଅନୁଯାୟୀ ଦେଖାଯାଏ ଯେ, ଏହି କଳିଯୁଗରେ ଜୀବ *ମହାମନ୍ତ୍ର "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେ ରାମ ହରେ ରାମ ରାମ ରାମ ହରେ ହରେ"* ॥ କୀର୍ତ୍ତନ ଦ୍ୱାରା ହିଁ ପଞ୍ଚମ ପୁରୁଷାର୍ଥ ସୁଦୁର୍ଲଭ କୃଷ୍ଣପ୍ରେମ ଲାଭ କରି ପାରିବେ । କେବଳ ଏଇ କଥାଟି ପ୍ରଚାର କରିବା ପାଇଁ ସେ ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁଙ୍କୁ ଆଦେଶ କରିଥିଲେ ।

***ଶୁନ ଶୁନ ନିତ୍ୟାନନ୍ଦ, ଶୁନ ହରିଦାସ ।***
***ସର୍ବତ୍ର ଆମାର ଆଜ୍ଞା କରହ ପ୍ରକାଶ ।।***
***ପ୍ରତି ଘରେ ଘରେ ଗିୟା କର ଏଇ ଭିକ୍ଷା***
***'ବଲ କୃଷ୍ଣ, ଭଜ କୃଷ୍ଣ କର କୃଷ୍ଣ ଶିକ୍ଷା' ।।***

(ଚୈ.ଭା.ମ. ୧୩/୮-୯)

ତାହା ପରେ ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁ ଓ ନାମାଚାର୍ଯ୍ୟ ଶ୍ରୀଲ ହରିଦାସ ଠାକୁର କୀର୍ତ୍ତନାଖ୍ୟ ଭକ୍ତିପୀଠ ଗୋଦ୍ରୁମ ଦ୍ୱୀପର ସୁରଭୀ କୁଞ୍ଜରେ "ନାମ ପ୍ରଚାର" କାର୍ଯ୍ୟର କେନ୍ଦ୍ରସ୍ଥଳ ସ୍ଥାପନା କରିଥିଲେ । ଏଇ ଭାବରେ ନାମହଟ୍ଟର ପ୍ରାପଞ୍ଚିକ ବିକାଶ ହୋଇଥିଲା । ଅତଏବ ଏଇ ନାମହଟ୍ଟର ବିଷୟଟି କିଛି ହେଲେ ବି ନୂଆ ନୁହେଁ ।

ସେ ଯାହାବି ହେଉ, ସାରକଥା ହେଉଛି ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁ ନାମହଟ୍ଟର ମୂଳ ମହାଜନ । ତାଙ୍କର ଅପ୍ରକଟ ବା ମହା ପ୍ରସ୍ଥାନ ପରେ ଏଇ ନାମହଟ୍ଟ ବା ପ୍ରଚାର ପ୍ରସଙ୍ଗର ଦାୟିତ୍ୱ ନ୍ୟସ୍ତ ହେଲା ଷଡ଼ ଗୋସ୍ୱାମୀଙ୍କ ଉପରେ । ସେମାନେ ସମସ୍ତେ ଲୁପ୍ତ ତୀର୍ଥ ଉଦ୍ଧାର ଓ ସମସ୍ତ ବୈଷ୍ଣବ ଧର୍ମ ତତ୍ତ୍ୱ ପୁନଃ ଉଦ୍ଧାର କରିବା ପାଇଁ ବ୍ୟସ୍ତ ହୋଇଥିଲେ । ଶେଷରେ ଷଡ଼ ଗୋସ୍ୱାମୀମାନଙ୍କ ଭିତରେ ଅନ୍ୟତମ ଶ୍ରୀଜୀବ ଗୋସ୍ୱାମୀ ପାଦଙ୍କର ପ୍ରକଟ ହେଲା । ସେ ଶ୍ରୀ ନରୋତ୍ତମ ଦାସ ଠାକୁର, ଶ୍ରୀ ଶ୍ରୀନିବାସ ଆଚାର୍ଯ୍ୟ ଓ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କୁ ଯାବତୀୟ ଗ୍ରନ୍ଥ ଦେଇ ପ୍ରଚାର କାର୍ଯ୍ୟ ନିର୍ବାହ କରିବାର ଆଦେଶ କରିଥିଲେ, ପୁଣି ନାମହଟ୍ଟର ପୃଷ୍ଠା ଆଉଥରେ ସୂଚିତ ହୁଏ । ଏଇ ପ୍ରଭୁଗଣ ଏକା ସାଥିରେ ଲୀଳା ସମ୍ବରଣ କରିଥିଲେ । ଏହା ପରେ ଦୀର୍ଘଦିନ ଧରି ଭାରତର ପାରମାର୍ଥିକ

ଆକାଶ ବା ଗୌଡ଼ୀୟ ଗଗନରେ 'ଗୌରଚନ୍ଦ୍ର' ନାନା ପ୍ରକାରର କୁ-ସିଦ୍ଧାନ୍ତ ଦ୍ୱାରା ଦୀର୍ଘଦିନ ଆଚ୍ଛାଦିତ ହୋଇଥିଲେ ।

ଏହାପରେ ଜୀବମାନଙ୍କର କୌଣସି ଅନିର୍ବଚନୀୟ ସୁକୃତି ଫଳରେ ଗୌଡ଼ୀୟ ଆଚାର୍ଯ୍ୟ ଭାସ୍କର ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ ଆବିର୍ଭୂତ ହୋଇ ଗୌଡ଼ୀୟ ଗଗନକୁ ଅନ୍ଧକାର ମୁକ୍ତ କରି ଶ୍ରୀ ଶ୍ରୀ ଗୌରଚନ୍ଦ୍ରଙ୍କୁ ପ୍ରକାଶ କରାଇଲେ । ସେ ତାଙ୍କର ଶିକ୍ଷା, *"ଜୀବେଦୟା ନାମେ ରୁଚି"* କଥା ସାଧାରଣ ଭାବରେ ବୁଝାଇ ଦେଲେ । ତାହାପରେ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ଅନ୍ୟତମ କୃଷ୍ଣକୃପା ଶ୍ରୀମୂର୍ତ୍ତି ଅଭୟ ଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ଏହି ନାମକୁ ସାତ ସମୁଦ୍ର ତେର ନଈ ପାର କରି ସମଗ୍ର ପୃଥିବୀରେ ପ୍ରଚାର କଲେ, ତଥା ସୁକୃତିବାନ ବ୍ୟକ୍ତିଗଣଙ୍କୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର କୃପାର ଛତ୍ରଛାୟାତଳକୁ ଆକର୍ଷଣ କଲେ, ତାଙ୍କ ପାଇଁ ନାମହଟ୍ଟର ଉତ୍ତରୋତ୍ତର ସାବଲୀଳତା ଓ ଶ୍ରୀବୃଦ୍ଧି ହେବାକୁ ଲାଗିଲା । ତାପରେ ୧୯୭୭ ମସିହାରେ ସେ ଅପ୍ରକଟ ହେଲେ । ବର୍ତ୍ତମାନ ତାଙ୍କର କୃପାଧନ୍ୟ ଶିଷ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଶ୍ରୀ ଶ୍ରୀମଦ୍ ଜୟପତାକା ସ୍ୱାମୀ ମହାରାଜଙ୍କର ପରିଚାଳନାରେ "ଶ୍ରୀ ଶ୍ରୀ ହରେକୃଷ୍ଣ ନାମହଟ୍ଟ" ଉତ୍ତରୋତ୍ତର ଶ୍ରୀ ଓ ସମୃଦ୍ଧି ଲାଭ କରି ବିଶ୍ୱବାସୀଙ୍କର ଆଧ୍ୟାତ୍ମିକ ମଙ୍ଗଳ କାମନା କରିଚାଲିଛି ।

ବର୍ତ୍ତମାନ ନାମହଟ୍ଟର ଏହି ଶ୍ରୀବୃଦ୍ଧି ସମୟରେ ସପ୍ତମ ଗୋସ୍ୱାମୀ ଶ୍ରୀଲ ସଚ୍ଚିଦାନନ୍ଦ ଭକ୍ତି ବିନୋଦ ଠାକୁରଙ୍କ କଥା ଗୁଡ଼ିକ ଖୁବ୍ ପ୍ରଣିଧାନଯୋଗ୍ୟ / ସେ ନିଜକୁ ନାମହଟ୍ଟର ଝାଡୁଦାର ବୋଲି ପରିଚୟ ଦେଇ କହିଯାଇଛନ୍ତି ।

**(କ)**

"ନିଃସ୍ୱାର୍ଥ ଭାବରେ ଯେଉଁମାନେ ନାମ ପ୍ରଚାର କରିବେ, ସେମାନେ ସର୍ବତ୍ର ପୂଜିତ ହେବେ ଏବଂ ବିଶୁଦ୍ଧ ନାମର ଫଳ, କୁ-ତର୍କ ଭଳି ଅନ୍ଧକାରକୁ ଅତି ଶୀଘ୍ର ନାଶ କରିବ, ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ ଆଶା କରୁଅଛୁ ଯେ, ନାମହଟ୍ଟର ପ୍ରଚାର ଓ ପ୍ରସାର ଅଳ୍ପ ଦିନ ମଧ୍ୟରେ ନିଶ୍ଚିତ ଭାବରେ ଚତୁର୍ଦ୍ଦିଗରେ ବିସ୍ତାର ଲାଭ କରିବ । ଶ୍ରୀମନ୍ ଗୌରାଙ୍ଗ ସଂପ୍ରଦାୟ ମଧ୍ୟରେ ଯେଉଁ ଉପାଧି ପ୍ରବେଶ କରିଅଛି ତାହା କ୍ରମଶଃ ଦୂର ହେବ ଏବଂ ଅବଶେଷରେ ଶୁଦ୍ଧ ନାମର ଜୟ ପତାକା ଦେଶ ବିଦେଶରେ ସବୁ ସମୟରେ ଉଡ୍ଡୀୟମାନ ହୋଇ ରହିବ ।" (ଶ୍ରୀ ଶ୍ରୀ ନାମହଟ୍ଟ, ବିଃ. ପଃ. ୧ମ ବର୍ଷ ।)

**(ଖ)**

"ଆହା! ଯେଉଁଦିନ ଇଂଲଣ୍ଡ, ଫ୍ରାନ୍ସ, ରଷିୟା ଓ ଆମେରିକା ଆଦି ଦେଶମାନଙ୍କର ଭାଗ୍ୟବନ୍ତ ପୁରୁଷମାନେ ନିଶାଣ, ଘଣ୍ଟା, ଖୋଳ, କରତାଳ ଆଦି ନେଇ ପ୍ରତ୍ୟେକ କୋଣ ଅନୁକୋଣରେ ନିଜ ନିଜ ନଗର ଓ ଗ୍ରାମରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ନାମ ଉଚ୍ଚାରଣ ପୂର୍ବକ ହରିନାମ କୀର୍ତ୍ତନର ତରଙ୍ଗ ଉଠାଇବେ, ସେଇ ଦିନ କେବେ ହେବ? ଆହା! ଯେଉଁ ଦିନ ଗୋଟିଏ ଦିଗରୁ ବିଲାତୀୟ ଶ୍ୱେତବର୍ଣ୍ଣ ପୁରୁଷ ସମସ୍ତେ 'ଜୟ ଶ୍ରୀ ଶଚିନନ୍ଦନ କି ଜୟ' ଏହିପରି ଧ୍ୱନିକରି ଅନ୍ୟଦିଗରୁ ଆମ ଦେଶୀୟ ଭକ୍ତବୃନ୍ଦଙ୍କୁ ଉର୍ଦ୍ଧ୍ୱବାହୁ ହୋଇ ଆଲିଙ୍ଗନ କରି ଭାତୃଭାବ ଜନ୍ମାଇବେ, ସେଇ ଦିନ କେବେ ହେବ? ଯେଉଁ ଦିନ

ସେଇମାନେ କହିବେ "ହେ ଆର୍ଯ୍ୟ ଭ୍ରାତୃଗଣ! ଆମ୍ଭେମାନେ ପ୍ରେମସମୁଦ୍ର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଚରଣାଶ୍ରୟ କରିଅଛୁ। ବର୍ତ୍ତମାନ ତୁମ୍ଭେମାନେ ଦୟାକରି ଆମ୍ଭମାନଙ୍କୁ ଆଲିଙ୍ଗନ ଦିଅ," ସେଦିନ କେବେ ହେବ? ଯେଉଁଦିନ ପବିତ୍ର ଚିନ୍ମୟ କୃଷ୍ଣ ପ୍ରେମ ଆସ୍ୱାଦନ ହିଁ ସର୍ବ ଜୀବଙ୍କର ଏକମାତ୍ର ଧର୍ମ ହେବ ଏବଂ ସମୁଦ୍ରରେ ନଦୀମାନଙ୍କର ମିଳନ ପରି କ୍ଷୁଦ୍ର କ୍ଷୁଦ୍ର ଧର୍ମ ଅନନ୍ତ ବୈଷ୍ଣବ ଧର୍ମରେ ଆସି ମିଳିତ ହେବ, ସେଦିନ କେବେ ହେବ?

(ନିତ୍ୟ ଧର୍ମ ସୂର୍ଯ୍ୟୋଦୟ, ସ.ତୋ. ୪/୩)

ଏହାପରେ ସେମାନେ ସେମାନଙ୍କର ଆଉ ଗୋଟିଏ ବକ୍ତବ୍ୟ ମାଧ୍ୟମରେ ବିଶ୍ୱବାସୀଙ୍କୁ ନାମହଟ୍ଟ କାର୍ଯ୍ୟସୂଚୀ ସହିତ ଯୁକ୍ତ ହେବା ପାଇଁ ଆମନ୍ତ୍ରଣ ଜଣାଇ ଏଇ ନାମହଟ୍ଟ କଥାଟିକୁ ଉପସଂହାର କଲେ। ତାହା ହେଉଛି, "ହେ ଶୁଦ୍ଧ ଭକ୍ତବୃନ୍ଦ, ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କର ପ୍ରଚ଼ରିତ ବୈଷ୍ଣବ ଧର୍ମ ଜଗତ ଜୀବଙ୍କର ପରମ ଧର୍ମ। ଯେଉଁ ସମସ୍ତ ଧର୍ମ ଆଜି ପର୍ଯ୍ୟନ୍ତ ଧୁମ୍‌ଧାମର ସହିତ ଦେଶ ବିଦେଶରେ ପ୍ରଚ଼ରିତ ହେଉଅଛି, ସେ ସମସ୍ତ ହିଁ ଦୋଷଯୁକ୍ତ ଏବଂ ଅସଂପୂର୍ଣ୍ଣ। ଯେତେବେଳେ ସେହି ସମସ୍ତ ଧର୍ମ ସଙ୍କୁଚିତ ହୋଇ ନିଜ ନିଜ ଦୁର୍ଗ ମଧ୍ୟରେ ଲୁକ୍କାୟିତ ହେବ ଏବଂ ପରମ ଧର୍ମ ଅଗ୍ରସର ହୋଇ ସମସ୍ତ ଦେଶ ବିଦେଶରେ ବ୍ୟାପ୍ତ ହେବ- ସେଇ ସୁଖଜନକ ସମୟ ଆମ୍ଭମାନଙ୍କର ଆସି ଉପସ୍ଥିତ ହୋଇଅଛି। ବର୍ତ୍ତମାନ ସମସ୍ତେ ବଦ୍ଧ ପରିକର ହୋଇ ନାମହଟ୍ଟର ପୁଷ୍ଟି ବିଧାନ କରନ୍ତୁ। ଭାରତବର୍ଷର ସମସ୍ତ ପ୍ରଦେଶରେ ଶ୍ରୀମନ୍ ଗୌରାଙ୍ଗ ମହାପ୍ରଭୁଙ୍କ ପରିବ୍ରାଜକ ଭକ୍ତ ମହୋଦୟଗଣ ଶୁଦ୍ଧ ନାମର ପସରା ମସ୍ତକରେ ବହନ କରି ଶ୍ରୀମନ୍ ମହାପ୍ରଭୁଙ୍କର ଜଗତ ପାବନ ହରିନାମର ପ୍ରଚ଼ର କରନ୍ତୁ।"

(ଶ୍ରୀ ଶ୍ରୀ ନାମହଟ୍ଟ, ବି.ପ.)

## ନାମହଟ୍ଟ କ'ଣ?

ଶୁଦ୍ଧ, ଚିନ୍ମୟ ପାରମାର୍ଥିକ ସଂସ୍କୃତି ଚର୍ଚ୍ଚାର ଉଦ୍ଦେଶ୍ୟରେ ଲୁପ୍ତ ମାନବତାର ପୁନରୁଦ୍ଧାର ପାଇଁ ନିଃସ୍ୱାର୍ଥ ସେବା ବ୍ରତ ସାଧନା ନିମିତ୍ତ ଏବଂ ମହୋତ୍ସବ ସହକାରେ ଶ୍ରୀକୃଷ୍ଣଙ୍କ ପବିତ୍ର ନାମର ମହିମା ପ୍ରଚ଼ର ଓ ସଂକୀର୍ତ୍ତନରେ ଜାତି, ଧର୍ମ, ବର୍ଣ୍ଣ ଅଥବା ଯେ କୌଣସି ଜଡ଼ ଜାଗତିକ ପଦ ମର୍ଯ୍ୟାଦାର ପ୍ରତିବନ୍ଧକତା ବ୍ୟତିରକେ, ଗୋଟିଏ ସାଧାରଣ ଲକ୍ଷ୍ୟ ନେଇ ସମସ୍ତ ବିଶ୍ୱାସଯୋଗ୍ୟ ଜନଗଣଙ୍କ ଦ୍ୱାର ସଂଘବଦ୍ଧ ଅପ୍ରାକୃତ ସମାବେଶ ହିଁ ନାମହଟ୍ଟ।

*(ଶ୍ରୀ ଶ୍ରୀମଦ୍ ଜୟପତାକା ସ୍ୱାମୀ)*

## ନାମହଟ୍ଟର ଇତିହାସ?

**ନାମହଟ୍ଟ :** ସମବେତ ଭାବରେ ଭଗବାନଙ୍କ ପବିତ୍ର ନାମ କୀର୍ତ୍ତନ ମାଧ୍ୟମରେ ଜନସାଧାରଣଙ୍କୁ ସଂଘବଦ୍ଧ କରିବାର ଏକ ମିଳନ କ୍ଷେତ୍ର ହେଉଛି ନାମହଟ୍ଟ। ଏହା ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ପ୍ରାୟ ୫୦୦ ବର୍ଷ ପୂର୍ବେ ନବଦ୍ୱୀପ ଧାମର ସୁରଭୀକୁଞ୍ଜଠାରେ ନିତ୍ୟାନନ୍ଦ ପ୍ରଭୁଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁ ଏବଂ ତାଙ୍କର ପାର୍ଷଦଗଣଙ୍କ ଦ୍ୱାରା ଆଦି ନାମହଟ୍ଟ ଆନ୍ଦୋଳନ ଯେଉଳି ଭାବରେ ପ୍ରଚଳିତ ହୋଇଥିଲା, ତାହା ଶ୍ରୀ ନାମ ସଂକୀର୍ତ୍ତନ ମାଧ୍ୟମରେ ଯୁଗ ଧର୍ମ ପ୍ରଚ଼ର ଉଦ୍ଦେଶ୍ୟରେ ଜାତି-ଧର୍ମ-

ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଜନଗଣଙ୍କୁ ନେଇ ପ୍ରତିଷ୍ଠିତ ହୋଇଥିଲା । ପ୍ରତ୍ୟେକ ଜୀବାତ୍ମା ଭଗବାନଙ୍କର ଅବିଚ୍ଛେଦ୍ୟ ଅଂଶ ଏବଂ ଗୁଣଗତ ଭାବେ ସମାନ– ଏହା ଜାଣି ନାମହଟ୍ଟ ଶ୍ରୀକୃଷ୍ଣଙ୍କର ଚିନ୍ମୟ ସ୍ୱରୂପକୁ ପ୍ରକାଶିତ କରାଏ ଓ ଶୁଦ୍ଧ କୃଷ୍ଣଭକ୍ତିର ପ୍ରଚାର କରେ ।

ଏହି ଆନ୍ଦୋଳନ ଘୃଣା, ଦ୍ୱେଷ, ଲୋଭ, ଅନ୍ଧବିଶ୍ୱାସ ଏବଂ ନୈତିକ ଅଧୋପତନ ଓ କୁ-ସଂସ୍କାର ଆଦି ଜଡ଼ ଜାଗତିକ ଭ୍ରାନ୍ତ ଧାରଣାରେ ବୁଡ଼ିଯାଉଥିବା ବ୍ୟକ୍ତି ଓ ସମାଜକୁ ଯଥାର୍ଥ ଜ୍ଞାନାଲୋକ ଦ୍ୱାରା ଭଗବତ୍ ଉନ୍ମୁଖୀ କରାଏ ।

ନାମହଟ୍ଟ ଜନଗଣଙ୍କର ଏକ ମହାନ୍ ଉପକାର ସାଧନ କରିଥିଲେ ମଧ୍ୟ କାଳକ୍ରମେ ତାର ମୂଳ ଶୁଦ୍ଧ ଶିକ୍ଷାଧାରା ଅନେକାଂଶରେ ଲୁପ୍ତ ହୋଇ ଯାଇଥିଲା । ଉନବିଂଶ ଶତାବ୍ଦୀର ଶେଷାଂଶରେ କୃଷ୍ଣ କୃପା ଶ୍ରୀମୂର୍ତ୍ତୀ ଶ୍ରୀଲ ଭକ୍ତି ବିନୋଦ ଠାକୁର ଏହି ଅବନତି ଲକ୍ଷ୍ୟ କରି ସଂକୀର୍ତ୍ତନ ଆନ୍ଦୋଳନକୁ ଶୁଦ୍ଧ ଏବଂ ସୁଚାରୁ ରୂପେ ପୁନରୁଦ୍ଧାର ପାଇଁ ନିଜେ ପ୍ରୟାସୀ ହୋଇଥିଲେ । ତାଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ଦ୍ୱାରା ସୁରଭୀକୁଞ୍ଜରେ ନାମହଟ୍ଟ ପୁନଃ ପ୍ରତିଷ୍ଠିତ ହୋଇଥିଲା ଏବଂ ଭାରତ ବର୍ଷରେ ୫୦୦ରୁ ଅଧିକ ଶାଖା ପ୍ରସାରିତ ହୋଇଥିଲା । ସେହି ସମୟରେ ସେ ଭବିଷ୍ୟତ ବାଣୀ କରିଥିଲେ ଯେ ଭବିଷ୍ୟତରେ ଏକ ମହାତ୍ମା ଆବିର୍ଭୂତ ହେବେ ଏବଂ ଶ୍ରୀନାମ ସଂକୀର୍ତ୍ତନ ପ୍ରଚାର ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ସଂଗଠନ ପ୍ରତିଷ୍ଠା କରିବେ ।

ଓଁ ବିଷ୍ଣୁପାଦ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କ ଆଜ୍ଞାନୁସାରେ ୧୯୬୫ ମସିହାରେ ଏହି ଭବିଷ୍ୟତବାଣୀ ପୂରଣ ଉଦ୍ଦେଶ୍ୟରେ କୃଷ୍ଣକୃପା ଶ୍ରୀମୂର୍ତ୍ତି ଶ୍ରୀଲ ଅଭୟଚରଣାବିନ୍ଦ ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ପାଶ୍ଚାତ୍ୟ ଦେଶମାନଙ୍କୁ ଶ୍ରୀନାମ ସଂକୀର୍ତ୍ତନ ବହନ କରି ନେଇ ଯାଇଥିଲେ । ତଦନନ୍ତରେ ଯୁକ୍ତରାଷ୍ଟ୍ର ଆମେରିକାର ନିୟୁର୍କ ସହରରେ ଇସ୍କନ ରେଜିଷ୍ଟ୍ରିକୃତ ହୁଏ ଏବଂ ପରବର୍ତ୍ତୀ କାଳରେ ପୃଥିବୀର ସମସ୍ତ ପ୍ରଧାନ ଦେଶମାନଙ୍କରେ ଇସ୍କନ ସଂଗଠନ ରେଜିଷ୍ଟ୍ରେସନ୍ ହୋଇଯାଏ । ୧୯୭୧ ମସିହାରେ ସଂଘର ପ୍ରତିଷ୍ଠାତା ଶ୍ରୀଲ ଅଭୟଚରଣାରବିନ୍ଦ ଭକ୍ତବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଉଦ୍ୟମରେ ଭାରତରେ ଇସ୍କନ୍ ରେଜିଷ୍ଟ୍ରିକୃତ ହେଲା । ସାରା ପୃଥିବୀରେ ୧୦୮ଟି  କେନ୍ଦ୍ର ପ୍ରତିଷ୍ଠିତ ହେଲା । ବିକୃତ ବର୍ଣ୍ଣାଶ୍ରମ  ବ୍ୟବସ୍ଥା ଉଚ୍ଛେଦ ଉଦ୍ଦେଶ୍ୟରେ ଏବଂ ତା' ପରିବର୍ତ୍ତେ ଦୈବ ବର୍ଣ୍ଣାଶ୍ରମ ପ୍ରତିଷ୍ଠା ପାଇଁ ଶ୍ରୀଲ ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ଦେଶର ସୁଦୂରବର୍ତ୍ତୀ ଗାଁ, ଗଣ୍ଡାରେ ଏହି ସଂକୀର୍ତ୍ତନ ଆନ୍ଦୋଳନର ପ୍ରଚାର ପାଇଁ ତାଙ୍କ ଶିଷ୍ୟ ସମୂହକୁ ଉପଦେଶ ଦେଇଥିଲେ । ଶୁଦ୍ଧ ନାମର ପ୍ରଚାର ଫଳରେ ଭାରତ ପୁଣି ଜଗତରେ ତାର ପୂର୍ବ ମହିମାନ୍ୱିତ ମର୍ଯ୍ୟାଦାର ଆସନକୁ ପୁନରୁଦ୍ଧାର କରିବ ।

୧୯୭୭ ମସିହା ନଭେମ୍ବର ମାସରେ ଶ୍ରୀଲ ଅଭୟାଚରଣବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ଯେତେବେଳେ ପରମେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କ ନିତ୍ୟ ଲୀଳାରେ ପ୍ରବିଷ୍ଟ ହେଲେ ସେତେବେଳେ ସେ କୃଷ୍ଣ ଭାବନାମୃତ ପ୍ରଚାରର ଦାୟିତ୍ୱ ତାଙ୍କ ଶିଷ୍ୟ ସମୂହଙ୍କୁ ଦେଇ ଯାଇଥିଲେ । ଶ୍ରୀଲ ଭକ୍ତିବିନୋଦ ଠାକୁର, ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁ ଓ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ଅଭିଳାଷ ପୂରଣାର୍ଥେ ଶ୍ରୀଲ ପ୍ରଭୁପାଦଙ୍କ ଶିଷ୍ୟମାନେ ପ୍ରତି ନଗର ଓ ଗାଁ ଗଣ୍ଡାରେ ଶ୍ରୀକୃଷ୍ଣ ଭାବନାମୃତର ବାର୍ତ୍ତା ପହଞ୍ଚେଇବା ଉଦ୍ଦେଶ୍ୟରେ – ବର୍ତ୍ତମାନ ଏହି ନାମହଟ୍ଟ କାର୍ଯ୍ୟକ୍ରମ ଯୋଜନା କରୁଅଛନ୍ତି । (ଶ୍ରୀ ଶ୍ରୀମଦ୍ ଜୟ ପତାକା ସ୍ୱାମୀ)

## ନାମହଟ୍ଟର ଐତିହ୍ୟ

ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସଂକୀର୍ତ୍ତନ ଆନ୍ଦୋଳନରେ ଶ୍ରୀନାମ ମଧ୍ୟରେ ନିହିତ ଥିବା ସମସ୍ତ କୃପା ଆଶୀର୍ବାଦ ସାଧାରଣ ଜନଗଣଙ୍କ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନାମ ମାଧ୍ୟମରେ ବିତରଣର ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ହିଁ ନାମହଟ୍ଟ ଆନ୍ଦୋଳନର ଐତିହ୍ୟ ରୂପେ ବ୍ୟକ୍ତ ହୋଇଅଛି । ଅତଏବ ପ୍ରତି ଗୃହରେ ଓ ପ୍ରତି ଗ୍ରାମରେ ଏହି ଆନ୍ଦୋଳନ ପ୍ରସାର ପାଇଁ ଯଥାସାଧ୍ୟ ପ୍ରଚେଷ୍ଟା କରିବା, ପ୍ରତ୍ୟେକ ସେବା ଗୋଷ୍ଠୀ ସଦସ୍ୟମାନଙ୍କର ପରମ ଦାୟିତ୍ୱ । ଶ୍ରୀଲ ଭକ୍ତିବିନୋଦଙ୍କ ବାଣୀ– "ଗୃହେ ଥାକ, ବନେ ଥାକ, ସଦା ହରି ବଲେ ଡାକ" –ପୂର୍ଣ୍ଣ ସାର୍ଥକ କରି ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ଏହି ନାମହଟ୍ଟ ସଂକୀର୍ତ୍ତନ ଆନ୍ଦୋଳନ ପ୍ରଚାର ପାଇଁ ପ୍ରତ୍ୟେକ, ଗୃହସ୍ଥ ହୁଅନ୍ତୁ ବା ସନ୍ନ୍ୟାସୀ ହୁଅନ୍ତୁ, ନିଜକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବା ଉଚିତ । ନାମହଟ୍ଟର ଐତିହ୍ୟ ହେଉଛି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଉପଦେଶାବଳୀ ଆନ୍ତରିକ ଭାବରେ ଗ୍ରହଣ କରି ସହଜ ସରଳ ପ୍ରକ୍ରିୟା ମାଧ୍ୟମରେ ପ୍ରତିଟି ମାନବ ଜୀବନକୁ ପୂର୍ଣ୍ଣ ସାର୍ଥକ କରିବା ପାଇଁ ସମସ୍ତଙ୍କୁ ମୁକ୍ତ ଏବଂ ଉଦାର ଭାବରେ ସେହି ଉପଦେଶାବଳୀ ପ୍ରଦାନ କରିବା । (ଶ୍ରୀ ଶ୍ରୀମଦ୍ ଜୟ ପତାକା ସ୍ୱାମୀ)

## ନାମହଟ୍ଟ ପ୍ରସଙ୍ଗରେ ଆଚାର୍ଯ୍ୟମାନଙ୍କ ଉକ୍ତି

### ଶ୍ରୀଲ ଅଭୟଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ :

ଗୃହକୁ ସୁଖମୟ କରି ଗଢ଼ିବାକୁ ହେଲେ ପ୍ରତ୍ୟେକଙ୍କୁ ହରେକୃଷ୍ଣ ମହାମନ୍ତ୍ର କୀର୍ତ୍ତନ କରିବା ଉଚିତ୍, ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରସାଦ ଗ୍ରହଣ କରିବା ଉଚିତ୍ । ଶ୍ରୀମଦ୍ ଭଗବତ୍ ଗୀତା ଓ ଭାଗବତ ଭଳି ତତ୍ତ୍ୱ ସମ୍ବଳିତ ଗ୍ରନ୍ଥଆଦି ପାଠ କରିବା ଉଚିତ୍ । ପରିବାରରେ ସମସ୍ତେ ଏକତ୍ର ହୋଇ ସକାଳ ଓ ସନ୍ଧ୍ୟାରେ କୀର୍ତ୍ତନ କରିବା ଉଚିତ୍ । (ତାତ୍ପର୍ଯ୍ୟ ଭ.ଗୀ. ୧୩/୮–୧୨)

ଶ୍ରୀ ଚୈତନ୍ୟ ମହାପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି ଯେ ହରେକୃଷ୍ଣ ମହାମନ୍ତ୍ର ପ୍ରଚାର ପାଇଁ ସମସ୍ତେ ସମବେତ ଭାବେ ସଂକୀର୍ତ୍ତନ ଯଜ୍ଞ କରିବା ଉଚିତ୍ । ସମସ୍ତ ଶ୍ରେଣୀର ଭକ୍ତ ଏକତ୍ର ହୋଇ ସମବେତ ଭାବରେ ହରେକୃଷ୍ଣ ମହାମନ୍ତ୍ର ପ୍ରଚାର କରିବେ । (ତାତ୍ପର୍ଯ୍ୟ ଭ.ଗୀ. ୯/୩୪) ପ୍ରତ୍ୟେକ ଗୃହସ୍ଥଙ୍କ କର୍ତ୍ତବ୍ୟ ହେଉଛି ସଂକୀର୍ତ୍ତନ ଯଜ୍ଞକୁ ଦ୍ୱାରେ ଦ୍ୱାରେ ପହଞ୍ଚାଇଦେବା । (ତାତ୍ପର୍ଯ୍ୟ ଚୈ.ଚ.ଆ.୧୪/୫୫)

### ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ :

'ନବଦ୍ୱୀପ' ପରିକ୍ରମା ଯେତେ ଶୀଘ୍ର ସମ୍ଭବ ଆରମ୍ଭ କରିବାକୁ ଚେଷ୍ଟା କର, ଏହି କାର୍ଯ୍ୟ କୃଷ୍ଣଭକ୍ତି ପ୍ରଦାନ କରିବ । ଶ୍ରୀଧାମ ମାୟାପୁରର ସେବା କରିବାର ଚେଷ୍ଟା କର ଏବଂ ତାର ସ୍ଥାୟୀ ପ୍ରତିଷ୍ଠା ପ୍ରକଳ୍ପର ପ୍ରୟାସ କର । ଦିନକୁ ଦିନ ଯେପରି ତାର ଶ୍ରୀ ଓ ସମୃଦ୍ଧି ବୃଦ୍ଧି ପାଏ, ସେହି ବିଷୟରେ ଯତ୍ନବାନ ହୁଅ । ମୁଦ୍ରଣ କେନ୍ଦ୍ର (ଛାପାଖାନା) ସ୍ଥାପନ କରି, ଭକ୍ତିମୂଳକ ଶାସ୍ତ୍ରାଦି ବିତରଣ କରି ଏବଂ ନାମହଟ୍ଟର ପ୍ରସାର କରି ପ୍ରତ୍ୟେକେ ସୁନ୍ଦର ଭାବେ ଶ୍ରୀଧାମ ମାୟାପୁରରେ ସେବା କରିପାରିବେ । ମୁଁ ଯେତେବେଳେ ଏହି ଶରୀରରେ ବର୍ତ୍ତମାନ ଉପସ୍ଥିତ ନ ଥିବି ସେତେବେଳେ ଆପଣମାନେ ମାୟାପୁରର ସେବା କରିବେ, ଏହାହିଁ ମୋର ହୃଦୟର ଏକାନ୍ତ ବାସନା । ଏହା ସଚେତନତାର ସଂଗେ ସଂପାଦନ କରିବାର ଚେଷ୍ଟା କରିବେ ।

### ଶ୍ରୀଲ ଭକ୍ତିବିନୋଦ ଠାକୁର :

ଆମ୍ଭେ ଆଶା କରୁ ଯେ, ନାମହଟ୍ଟର ବିଷୟବସ୍ତୁ ସମସ୍ତ ପ୍ରକାର ପ୍ରଚାର ଠାରୁ ଶ୍ରେଷ୍ଠ ଏବଂ ସର୍ବାପେକ୍ଷା ଉପଯୋଗୀ ଓ ପ୍ରୟୋଜନୀୟ ବିଷୟ ବସ୍ତୁରେ ରୂପାନ୍ତରିତ ହେବ । ଶ୍ରୀମଦ୍ ଗୌରାଙ୍ଗ ସଂପ୍ରଦାୟରେ

ଯେଉଁ ସବୁ ମିଥ୍ୟା ପଦାଦି ପ୍ରବେଶ କରିଛି; ତାହା ଶୀଘ୍ର ଅନ୍ତର୍ହିତ ହେବ ଏବଂ ଅବଶେଷେ ଶୁଦ୍ଧ ହରିନାମର ଜୟପତାକା ସମଗ୍ର ପୃଥିବୀରେ ଆନ୍ଦୋଳିତ ହେବ । ନାମହଟ୍ଟ ପ୍ରଚାରରେ ସହାୟତା କରିବାପାଇଁ ପ୍ରତ୍ୟେକେ ଦୃଢ଼ ସଂକଳ୍ପ ନେବା ଉଚିତ୍ ?

(ଶ୍ରୀ ଶ୍ରୀ ନାମହଟ୍ଟ, ବିଷ୍ଣୁପ୍ରିୟା ପତ୍ରିକା ପ୍ରଥମବର୍ଷ ପ୍ରଥମ ସଂଖ୍ୟା)

## ନାମହଟ୍ଟ ଅନୁଷ୍ଠାନର ସଂକେତ

ବର୍ତ୍ତମାନ ଆମ୍ଭମାନଙ୍କର ନାମହଟ୍ଟର ନଥିଭୁକ୍ତ ସଂଘ ସଂଖ୍ୟା ପ୍ରାୟ ୨୫୦୦ । ଏଇ ସମସ୍ତ ସଂଘ ମଧ୍ୟରୁ ଅଧିକାଂଶ ନବ ଗଠିତ । କିଛି ସଂଘ ଅଛି ଯେଉଁଗୁଡ଼ିକ ପୂର୍ବରୁ "କୀର୍ତ୍ତନ ମଣ୍ଡଳୀ" ବା ଭାଗବତଟୁଙ୍ଗି ଥିଲା ଏବଂ ବର୍ତ୍ତମାନ ନାମହଟ୍ଟ ନାମରେ ଅଭିହିତ ହୋଇଅଛି । ବିଭିନ୍ନ ସଂଘର ମହାମିଳନ ଦିବସରେ ଓ ଅନ୍ୟାନ୍ୟ ଉତ୍ସବ ଦିବସରେ ବିଭିନ୍ନ ଭାବରେ କୀର୍ତ୍ତନ ଆଦି ଅନୁଷ୍ଠିତ ହେବାର ଦେଖାଯାଏ । ଫଳରେ ଗୋଟିଏ ନାମହଟ୍ଟ ସଂଘ ଠାରୁ ଅନ୍ୟ ଗୋଟିଏ ସଂଘରେ ଭଜନ, କୀର୍ତ୍ତନ, ପୂଜନ ଇତ୍ୟାଦିରେ ପାର୍ଥକ୍ୟ ଦେଖିବାକୁ ମିଳେ । ଏହାର ପ୍ରଧାନ କାରଣ ହେଉଛି ସର୍ବତ୍ର ଏକାଧରଣର କୀର୍ତ୍ତନ ଆଦି ଅନୁଷ୍ଠାନ କରାଇବାର କୌଣସି ସାଧାରଣ ଜ୍ଞାତବ୍ୟ ପୁସ୍ତିକା ନାହିଁ । ଅତଏବ ଆମ୍ଭେମାନେ ଏଇ ନାମହଟ୍ଟର ସଂକେତ ପ୍ରକାଶ କରୁଅଛୁ, ସମସ୍ତ ନାମହଟ୍ଟ ଗୁଡ଼ିକ ଯଦି ଏକତ୍ରଭାବେ ଏହି ଗ୍ରନ୍ଥରେ ଥିବା ଭଜନ କୀର୍ତ୍ତନ, ପୂଜା ଓ ଶିକ୍ଷାର ଶୈଳୀ ଅନୁସରଣ କରନ୍ତି, ତେବେ ଆଶା କରାଯାଏ ଯେ ଗୋଟିଏ ସଂଘର ଭକ୍ତମାନଙ୍କ ସଙ୍ଗେ ଅନ୍ୟ ଗୋଟିଏ ସଂଘର ଭକ୍ତଗଣଙ୍କ ମଧ୍ୟରେ ସବୁଥିରେ ସମନ୍ୱୟ ଭାବ ବଜାୟ ରହିବ ।

୧. ଶ୍ରୀ ଶ୍ରୀ ହରେକୃଷ୍ଣ ନାମହଟ୍ଟର ମହାମିଳନ ସ୍ଥାନରେ ଗୋଟିଏ ଉଚ୍ଚ ଆସନରେ ରାଧାମାଧବ, ପଞ୍ଚତତ୍ତ୍ୱ, ନୃସିଂହ ଦେବ, ଜଗନ୍ନାଥ, ବଳଦେବ, ସୁଭଦ୍ରାଦେବୀ, ତୁଳସୀ ଦେବୀଙ୍କ କୁଣ୍ଡ ଓ ଗୁରୁ ପରମ୍ପରା-ଆଲେଖ୍ୟ (ଫଟୋ) ସଜାଇ ଭୋଗ ନିବେଦନ ଓ ସନ୍ଧ୍ୟା ଆରତୀ ସମାପନାନ୍ତେ........ ।

୨. ପ୍ରଥମେ ଶ୍ରୀ ଶ୍ରୀ ଗୁରୁ ଗୌରାଙ୍ଗୌ - ଗାନ୍ଧର୍ବିକା ଗିରିଧାରୀ, ଗୋବିନ୍ଦ ଗୋପୀନାଥ, ରାଧା ମଦନ ମୋହନଙ୍କର ଜୟଧ୍ୱନି ପୂର୍ବକ ଅନୁଷ୍ଠାନ ଆରମ୍ଭ କରିବେ । ଏହାପରେ କ୍ରମାନ୍ୱୟେ ମଙ୍ଗଳାଚରଣ, ଗୁରୁବନ୍ଦନା, ବୈଷ୍ଣବ ବନ୍ଦନା, ନିତ୍ୟାନନ୍ଦ ବନ୍ଦନା, ଗୌରବନ୍ଦନା, ରାଧାକୃଷ୍ଣ ବନ୍ଦନା ଓ ମହାମନ୍ତ୍ର କୀର୍ତ୍ତନ କରିବେ । ସମ୍ଭାବ୍ୟ କ୍ଷେତ୍ରେ ଶ୍ରୀଲ ଭକ୍ତି ବିନୋଦ ଠାକୁର ମହାଶୟ, ଶ୍ରୀଲ ନରୋତ୍ତମ ଦାସ ଠାକୁର ପ୍ରଭୃତି ଶୁଦ୍ଧ ଭକ୍ତିମାର୍ଗର ମହାଜନଗଣଙ୍କ ରଚିତ ବିଭିନ୍ନ ଭଜନ ସମୟାନୁସାରେ କୀର୍ତ୍ତନ ହୋଇ ପାରିବ ।

୩- ଏହାପରେ ଯୋଗ୍ୟ ବ୍ୟକ୍ତି ଥିଲେ ଜୟରାଧା ମାଧବ, ପଞ୍ଚତତ୍ତ୍ୱ ମନ୍ତ୍ର ଓ ମହାମନ୍ତ୍ର କୀର୍ତ୍ତନ କରି ଶ୍ରଦ୍ଧାଭକ୍ତି ସହକାରେ ଗ୍ରନ୍ଥାନୁଗତ୍ୟ କ୍ରମେ ହରିକଥା ପରିବେଷଣ କରିବେ । ଅନ୍ୟଥା ଶ୍ରୀଲ ପ୍ରଭୁପାଦଙ୍କର ଶ୍ରୀମଦ୍ ଭଗବତ୍ ଗୀତା ମୌଳିକ ରୂପରୁ କିଛି ସମୟ ପଠିତବ୍ୟ ଓ ଶ୍ରୋତବ୍ୟ । ନାମ କୀର୍ତ୍ତନ ଅବଶେଷେ ସମସ୍ତେ ଗୋଟିଏ ମାଳା ଜପ କରି ହରି ହରୟେ ଓ ମହାମନ୍ତ୍ର କୀର୍ତ୍ତନ କରି ଜୟଧ୍ୱନି ପୂର୍ବକ ଅନୁଷ୍ଠାନ ସମାପ୍ତ କରି ପ୍ରସାଦ ବିତରଣ କରିବେ ।

(ବି.ଦ୍ର.: ଅନୁଷ୍ଠାନ ଚାଲିବା ବେଳେ ଚା, ବିଡ଼ି, ପାନ ଆଦି ନିଶା ସେବନ, ପାରିବାରିକ ଓ ରାଜନୈତିକ ଆଦି ଗ୍ରାମ୍ୟକଥା ଆଲୋଚନା ନିଷିଦ୍ଧ ।)